# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 April – 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ; ୧୦୨ଟି ଆସନ ପାଇଁ ଚାଲିଛି ଭୋଟ ଗ୍ରହଣ
- ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ପରେ ଆରମ୍ଭ ହେଲା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା
- ଆଜି ବିଶ୍ୱ ଯକୃତ ଦିବସ; ଦେଶବ୍ୟାପୀ ଅନୁଷ୍ଠିତ ହେଉଛି ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି; ଆମାଗୀ ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ରର ସୂଚନା

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ

୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଆଜି ୧୦୨ ଆସନ ପାଇଁ ମତଦାନ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୧୦୨ଟି ଆସନ ପାଇଁ ମତଦାନ ହେଉଛି। ତାମିଲନାଡୁର ସମସ୍ତ ୩୯ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେଉଥିବା ବେଳେ ଉତ୍ତରାଖଣ୍ଡ ୫, ଅରୁଣାଚଳ ପ୍ରଦେଶ ୨, ମେଘାଳୟ ୧, ନାଗାଲାଣ୍ଡ ୧, ପୁଡୁଚେରୀ ୧, ସିକ୍କିମ୍ ୧, ଲାକ୍ଷାଦ୍ୱୀପ ୧, ରାଜସ୍ଥାନ ୧୨, ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ଏବଂ ଆସାମରେ ପ୍ରତ୍ୟେକ ୫, ବିହାର ୪, ପଶ୍ଚିମବଙ୍ଗ ୩, ମଣିପୁର ୨ ଏବଂ ତ୍ରିପୁରା, ଜମ୍ମୁ-କାଶ୍ମୀର ଓ ଛତିଶଗଡ଼ରେ ଗୋଟିଏ ଲେଖାଏଁ ଆସନରେ ମତଦାନ ହେଉଛି।

ତେବେ ଏହିସବୁ ରାଜ୍ୟମାନଙ୍କ ମଧ୍ୟରୁ ତାମିଲନାଡୁ, ମହାରାଷ୍ଟ୍ର, ରାଜସ୍ଥାନ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟର ଆସନ ଉଭୟ ଏନଡିଏ ଓ ଇଣ୍ଡିଆ ମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହିସବୁ ରାଜ୍ୟରେ ଯେଭଳି ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବ ସେଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବହୁ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ କିଛି ଦଳର ପ୍ରମୁଖ ନେତା ଏହି ନିର୍ବାଚନୀ ଦୌଡରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ, ଭୂପେନ୍ଦ୍ର ଯାଦବ, ତାମିଲନାଡୁ ବିଜେପି ମୁଖ୍ୟ

କେ. ଆନ୍ନାମଲାଇ, ପୂର୍ବତନ ତେଲଙ୍ଗାନା ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ, ନକୁଲ ନାଥ, ସର୍ବାନନ୍ଦ ସୋନଓ୍ୱାଲ, ଜିତିନ ପ୍ରସାଦ ଏବଂ ଗୌରବ ଗୋଗୋଇଙ୍କ ଭଳି ବହୁ ନେତାଙ୍କ ଭାଗ୍ୟ ଇଭିଏମରେ ନିର୍ଦ୍ଧାରଣ ହେବ। ଏହି ପର୍ଯ୍ୟାୟରେ ସିକ୍କିମ୍ ଓ ଅରୁଣାଚଳ ପ୍ରଦେଶର ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଦିନ ୧୧ଟା ସୁଦ୍ଧା ୨୪ ଦଶମିକ ୫ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଜଣାପଡିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକରୁ ଅଧିକ ସଂଖ୍ୟାରେ ମତଦାନ କରିବାକୁ ଅନୁରୋଧ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି, ଗଣତନ୍ତ୍ରର ସବୁଠାରୁ ବଡ଼ ଉତ୍ସବ ଆଜିଠାରୁ ଆରମ୍ଭ ହେଉଛି। ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ୧୦୨ଟି ଆସନରେ ଭୋଟ ଗ୍ରହଣ ହେଉଛି।

ମତଦାତାମାନଙ୍କୁ ମୋର ଅନୁରୋଧ, ସେମାନେ ନିଜର ମତାଧିକାର ସାବ୍ୟସ୍ତ କରନ୍ତୁ ଓ ମତଦାନର ନୂଆ ରେକର୍ଡ ତିଆରି କରନ୍ତୁ। ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ଯୁବସାଥୀମାନଙ୍କୁ ମୋର ବିଶେଷ ଅନୁରୋଧ, ସେମାନେ ବହୁ ସଂଖ୍ୟାରେ ମତଦାନ କରନ୍ତୁ। ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟ୍ ମୂଲ୍ୟବାନ ଓ ପ୍ରତ୍ୟେକ ସ୍ୱରର ମହତ୍ତ୍ୱ ରହିଛି।

ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶରେ ପ୍ରଥମ ପର୍ଯ୍ୟାୟ ମତଦାନ ସହିତ ଆଜି ଆମର ଗଣତନ୍ତ୍ରର ସବୁଠୁ ବଡ ଉତ୍ସବର ଶୁଭାରମ୍ଭ ହୋଇଛି। ସାରା ଦେଶରେ ଯେଉଁ ୧୦୨ଟି ସିଟରେ ଆଜି ମତଦାନ ହେଉଛି, ସେଠାକାର ଭୋଟରଙ୍କୁ ମୋର ନିବେଦନ ଯେ, ସେମାନେ ନିଜର ମତାଧିକାର ସାବ୍ୟସ୍ତ କରନ୍ତୁ ଏବଂ ରେକର୍ଡ ସଂଖ୍ୟାରେ ଭୋଟ ଦିଅନ୍ତୁ। ଯୁବ ଭୋଟରଙ୍କୁ, ବିଶେଷକରି ପ୍ରଥମ ଥର ଭୋଟ ଦେଉଥିବା ସାଥୀଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ସେ ନିବେଦନ କରିଛନ୍ତି। ଗୋଟିଏ ଭୋଟ ଭାରତ ପାଇଁ ଏକ ଉଜ୍ଜଳ ଭବିଷ୍ୟତ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି।

## ନାମାଙ୍କନ ପତ୍ର ଦାଖଲ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ୪ଟି ଲୋକସଭା ଓ ୨୮ଟି ବିଧାନସଭାରେ ହେବାକୁ ଥିବା ନିର୍ବାଚନରେ ମୋଟ ୬୨ଲକ୍ଷ ୮୪ହଜାର ୬୪୯ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ମାତ୍ର ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ୯୧ ହଜାର ୫୨୮ ଅଧିକ ରହିଛି।

ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି। ଚଳିତବର୍ଷ ସାଧାରଣ ନିର୍ବାଚନରେ ରାଜ୍ୟରେ

ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସବୁ ରାଜନୀତିକ ଦଳଗୁଡ଼ିକର ସହଯୋଗ ଲୋଡ଼ାଯାଇଛି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା କଳାହାଣ୍ଡି, ବ୍ରହ୍ମପୁର, ନବରଙ୍ଗପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ସମସ୍ତ ୨୮ଟି ବିଧାନସଭାରେ ଆସନ୍ତା ମେ' ୧୩ ତାରିଖରେ ମତଦାନ ହେବ । ଏଥିପାଇଁ ଗତକାଲିଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଏହା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ । ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଂଚ, ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏହି ୪ଟି ଲୋକସଭା ଆସନରେ ମୋଟ ୭ ହଜାର ୨୮୯ ମତଦାନ କେନ୍ଦ୍ର ଖୋଲାଯାଇଛି ।

## ମତଦାନ ପ୍ରସ୍ତୁତି

ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବରେ ଭୋଟରଙ୍କୁ ସ୍ୱାଗତ କରିବା ପାଇଁ ନିର୍ବାଚନ ଆୟୋଗ ସମସ୍ତ ପ୍ରସ୍ତୁତି କରିଛନ୍ତି । ଆଜିଠାରୁ ୪ଟି ରାଜ୍ୟରେ ଅଷ୍ଟାଦଶ ଲୋକସଭା ଓ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସହିତ ଗଣତନ୍ତ୍ରର ଏହି ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ନିର୍ବାଚନ ଆୟୋଗ ଏକ ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ, ସୁଲଭ, ସହଭାଗୀ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ କରାଇବା ପାଇଁ ନିଜର ସାଲିସ୍‌ବିହିନ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଗତ ୨ ବର୍ଷ ମଧ୍ୟରେ ଆୟୋଗ ଏବଂ ବିଭିନ୍ନ ରାଜ୍ୟ ଓ

କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ସହଯୋଗୀମାନେ ଭାରତର ମତଦାତାମାନଙ୍କୁ ସର୍ବୋତ୍ତମ ଅଭିଜ୍ଞତା ଦେବା ପାଇଁ ଆବଶ୍ୟକ କଠିନ ପରିଶ୍ରମ ଏବଂ ସତର୍କ ହସ୍ତକ୍ଷେପ କରିଛନ୍ତି। ଅନେକ ବିଚାରବିମର୍ଶ, ସମୀକ୍ଷା କ୍ଷେତ୍ର ପରିଦର୍ଶନ ଅଧିକାରୀମାନଙ୍କର ବ୍ୟାପକ ପ୍ରଶିକ୍ଷଣ ଏବଂ ନୂତନ ତଥା ସମୟ ଉପଯୁକ୍ତ ଅପରେଟିଂ ପ୍ରକ୍ରିୟା ନିର୍ମାଣ ପରେ ମତଦାନ ହୋଇଛି।

## ପୋଲିଂ କର୍ମଚାରୀ-ଚିକିତ୍ସା ସୁବିଧା

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ କର୍ମଚାରୀ ଯଦି କାର୍ଯ୍ୟରତ ସମୟରେ ଅସୁସ୍ଥ ହୁଅନ୍ତି, ଆବଶ୍ୟକ ପଡ଼ିଲେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଏୟାର ଆମ୍ବୁଲାନ୍ସ ଜରିଆରେ ନିଆଯାଇ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏହା ବ୍ୟତୀତ ପୋଲିଂ କର୍ମଚାରୀଙ୍କୁ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

## ଇପିଏଫ୍-ଜମା ଉଠାଣ

ଟଙ୍କା ଜମା ଉଠାଣ କ୍ଷେତ୍ରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ ଜାରି କରାଯାଇଥିବା ନୂଆ ବିଜ୍ଞପ୍ତି ଅନୁସାରେ ସ୍ୱାସ୍ଥ୍ୟଗତ କାରଣରୁ ଜଣେ କର୍ମଚାରୀ ସ୍ୱୟଂକ୍ରିୟ ଉଠାଣ ଜରିଆରେ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ । ପୂର୍ବରୁ ଏହି ଉଠାଣ ପରିମାଣ ୫୦ ହଜାର ଟଙ୍କା

ଥିଲା । ଏହି ବ୍ୟବସ୍ଥା ଚଳିତ ମାସ ୧୦ ତାରିଖରୁ କାର୍ଯ୍ୟକାରୀ ହୋଇଛି ବୋଲି କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ କୁହାଯାଇଛି ।

## ବସ୍ ମାଲିକଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲେଚନା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବେସରକାରୀ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମ୍ବଲପୁରରେ 'ବେସରକାରୀ ବସ ମାଲିକ ସଂଘ'ର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଯାତ୍ରୀଙ୍କ ଯାତାୟତ ସୁବିଧା ଓ ଗମନାଗମନ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ସମ୍ବଲପୁର ସମେତ ରାଜ୍ୟରେ ଯାତ୍ରୀଙ୍କ ଗମନାଗମନର ବ୍ୟବସ୍ଥାକୁ ସହଜ କରିବାରେ ବସ ମାଲିକ ସଂଘର ଭୂମିକା ଗୁରୁତ୍ୱପର୍ଣ୍ଣ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଇପିଏଫ୍-ଜମା ଉଠାଣ

ଟଙ୍କା ଜମା ଉଠାଣ କ୍ଷେତ୍ରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ ଜାରି କରାଯାଇଥିବା ନୂଆ ବିଜ୍ଞପ୍ତି ଅନୁସାରେ ସ୍ୱାସ୍ଥ୍ୟଗତ କାରଣରୁ ଜଣେ କର୍ମଚାରୀ ସ୍ୱୟଂକ୍ରିୟ ଉଠାଣ ଜରିଆରେ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ । ପୂର୍ବରୁ ଏହି ଉଠାଣ ପରିମାଣ ୫୦ ହଜାର ଟଙ୍କା ଥିଲା । ଏହି ବ୍ୟବସ୍ଥା ଚଳିତ ମାସ ୧୦ ତାରିଖରୁ କାର୍ଯ୍ୟକାରୀ ହୋଇଛି ବୋଲି କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ କୁହାଯାଇଛି ।

# ତାପମାତ୍ରା

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଜି ଦିନ ସାଢ଼େ ୧୧ ଟା ସୁଦ୍ଧା ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଧିକ ୪୧ ଦଶମିକ୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱର ଓ କେନ୍ଦୁଝରରେ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ରହିଛି। ରାଉରକେଲାରେ ପାରଦ ୩୯.୬ ଡିଗ୍ରୀ ଛୁଇଁଥିବାବେଳେ ଚାନ୍ଦବାଲିରେ ୩୯ ଡିଗ୍ରୀ, ସମ୍ବଲପୁର ୩୮.୯ ଡିଗ୍ରୀ, ବାଲେଶ୍ୱରରେ ୩୮.୬ ଡିଗ୍ରୀ, ହୀରାକୁଦରେ ୩୮.୨ ଡିଗ୍ରୀ ଓ ପୁରୀରେ ୩୪ ଡିଗ୍ରୀ ଛୁଇଁଛି ।

ନୂଆପଡ଼ା ଜିଲ୍ଲାରେ ପ୍ରବଳ ଖରା ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଦିନ ୧୦ଟାରୁ ଗ୍ରାମଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନଶୂନ୍ୟ ହୋଇପଡିଥିବାବେଳେ ପ୍ରାଣୀ ଜଗତ ମଧ୍ଯ ପ୍ରଭାବିତ ହୋଇଛି। ଅପରାହ୍ଣ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରଶାସନର ମାର୍ଗଦର୍ଶିକା ଅନୁଯାୟୀ ଶ୍ରମିକମାନେ ମଧ୍ଯ କାର୍ଯ୍ୟ କରୁ ନଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୩ ଦିନ ହେବ ଜିଲ୍ଲାରେ ସ୍କୁଲଗୁଡ଼ିକୁ ବନ୍ଦ ରଖାଯାଇଛି। ବିଶେଷଭାବେ ଗୃହପାଳିତ ପଶୁପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଜଳଉତ୍ସଗୁଡ଼ିକ ନିମ୍ନଗାମୀ ହୋଇ ଶୁଖିଯାଇଛି।

ଆଗାମୀ ଦୁଇଦିନ ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ବିଭାଗ କହିଛି, ପରବର୍ତ୍ତୀ ସମୟରେ କାଳବୈଶାଖୀ ପ୍ରଭାବରେ ଦିନ ତାପମାତ୍ରାରେ ୨ ରୁ ୩ ଡ଼ିଗ୍ରୀ ଯାଏଁ ସାମାନ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି ।

*********************************